# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**18 April - 2026**

**********************************

## ମୁଖ୍ୟ ସମ୍ବାଦ

- ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ଦେଶବାସୀଙ୍କୁ ଆଜି ରାତି ସାଢ଼େ ୮ଟାରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଓ ପେନସନଭୋଗୀଙ୍କ ଅତିରିକ୍ତ ମହଙ୍ଗା ଭତ୍ତାକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ
- ଅଂଶୁଘାତ ମୃତ୍ୟୁଜନିତ ରିପୋର୍ଟ ମିଳିବା ପରେ ୨୪ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ କ୍ଷତିପୂରଣ; କହିଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ଗ୍ରୀଷ୍ମ ପ୍ରବାହ

– ହିଟ୍‌ୱେଭ୍ ନେଇ ଆସନ୍ତାକାଲି ପାଇଁ ୫ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

## ପ୍ରଧାନମନ୍ତ୍ରୀ- ସମ୍ବୋଧନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାତି ସାଢ଼େ ୮ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରିବା ଏବଂ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିବା ନେଇ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସୀମା ନିର୍ଦ୍ଧାରଣ ମାଧ୍ୟମରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ପ୍ରସଙ୍ଗରେ ଗତକାଲି ସଂସଦରେ ବିତର୍କ ହୋଇଥିଲା।

Desk

## ମହଙ୍ଗା ଭତ୍ତା ବୃଦ୍ଧି

କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା- ଡି.ଏ. ଏବଂ ପେନସନ୍‌ଭୋଗୀଙ୍କୁ ମହଙ୍ଗା ସହାୟତା– ଡି.ଆର୍.’ର ଅତିରିକ୍ତ କିସ୍ତି ପ୍ରଦାନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଆଜି ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବର୍ଦ୍ଧିତ ଡି.ଏ. ଓ ଡି.ଆର୍. ଜାନୁଆରୀ ପହିଲା-୨୦୨୬ଠାରୁ ପିଛିଲା ଭାବେ ଲାଗୁ ହେବ। ମହଙ୍ଗାଭତ୍ତା ଓ ମହଙ୍ଗା ସହାୟତା ବାବଦରେ ସରକାର ମିଳିତ ଭାବେ ବାର୍ଷିକ ୬ ହଜାର ୭୯୧

କୋଟିର ଖର୍ଚ୍ଚ ବହନ କରିବେ। ଏହାଦ୍ୱାରା ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮ ଲକ୍ଷରୁ ଊର୍ଦ୍ଧ୍ୱ ପେନସନଭୋଗୀ ଉପକୃତ ହେବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**- V/O -**

ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ୨୦୨୮ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜାରି ରହିବା ପ୍ରକ୍ରିୟାକୁ ଅନୁମୋଦନ କରାଯାଇଛି । ଏହାଦ୍ୱାରା ଏହି ଯୋଜନାପାଇଁ ସଂଶୋଧିତ ଦେୟ ପରିମାଣ ୮୩ ହଜାର ୯୭୭ କୋଟି ଟଙ୍କା ହେବ । ପାର୍ବତ୍ୟ ଅଞ୍ଚଳରେ ସଡ଼କ ଏବଂ ସମତଳ ଅଞ୍ଚଳରେ ସଡ଼କ ଏବଂ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମେନ୍ତ ୨୦୨୮ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧିକୁ ବୈଠକରେ ଅନୁମୋଦନ କରାଯାଇଛି । ସେହିପରି ପାର୍ବତ୍ୟ ଅଞ୍ଚଳରେ ସେତୁ ନିର୍ମାଣ କାର୍ଯ୍ୟ ନିମନ୍ତେ ସମୟ ସୀମା ୨୦୨୯ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧିପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**- V/O –**

BBSR/R

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ କୁଲଦୀପ ନାରାୟଣ ଆଜି ଭୁବନେଶ୍ୱର ଗସ୍ତ

କରି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ସହରାଞ୍ଚଳ- ପି.ଏମ୍.ଏ.ୱାଇ–ଅର୍ବାନ ଏବଂ ପି.ଏମ୍.ଏ.ୱାଇ ଅର୍ବାନ୍ ୨.୦ ର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ଶ୍ରୀ ନାରାୟଣ ଚନ୍ଦ୍ରଶେଖରପୁରଠାରେ ସହରାଞ୍ଚଳ ହିତାଧିକାରୀଙ୍କୁ ଶସ୍ତା ଓ ଗୁଣାତ୍ମକ ବାସଗୃହ ଯୋଗାଇବା ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା ସହିତ ଶୈଳଶ୍ରୀ ବିହାର ନିକଟସ୍ଥ ହରେକୃଷ୍ଣ ନଗର ଓ ପ୍ରଗତି ବିହାର ବସ୍ତିରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଖାରବେଳ ଭବନଠାରେ ଶ୍ରୀ ନାରାୟଣ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ଉଭୟ ଯୋଜନାର ସଫଳତା, ଆହ୍ୱାନ ଏବଂ ଭବିଷ୍ୟତ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ସହରାଞ୍ଚଳରେ ସମସ୍ତଙ୍କ ପାଇଁ ବାସଗୃହ ଲକ୍ଷ୍ୟ ହାସଲ କରିବା ସହିତ ସମ୍ମାନଜନକ ଜୀବନଧାରଣ ନିଶ୍ଚିତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

Desk

## ହିଟ୍‌ୱେଭ୍

ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଅଧିକ ଖରା ହେଉଥିବା ସ୍ଥାନରେ ହିଟ୍‌ୱେଭ୍ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ହିଟ୍‌ୱେଭ୍‌ର ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ଜରିଆରେ ମନ୍ତ୍ରୀ ଶ୍ରୀ ପୂଜାରୀ ବୈଠକରେ ଆଲୋଚନା କରି କହିଛନ୍ତି, ଅଂଶୁଘାତ ମୃତ୍ୟୁଜନିତ ରିପୋର୍ଟ ମିଳିବା ପରେ ୨୪ ଘଣ୍ଟା ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ। ଦିନ

୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲ ପରିବହନ ଉପରେ ତଦାରଖ କରାଯିବ। ସ୍କୁଲ ଛୁଟିପାଇଁ ଗଣଶିକ୍ଷା ବିଭାଗ ସହିତ ରାଜସ୍ୱ ବିଭାଗର ଆଲୋଚନା ଶେଷ ହୋଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନୂତନ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

Rayagarh

## ଗଣଶିକ୍ଷା ସଚିବ ରାୟଗଡ଼ା ଗସ୍ତ

ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍.ତିରୁମାଲ୍ଲା ନାଏକ ଦୁଇଦିନିଆ ରାୟଗଡ଼ା ଜିଲ୍ଲାଗସ୍ତରେ ଯାଇ ଗୁଣୁପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଆଦି ପରିଦର୍ଶନ କରିଛନ୍ତି। ଲାଞ୍ଜିଆସୌରା ଜନଜାତିଙ୍କ ଚିତ୍ରକଳା, ତାଲିମ କେନ୍ଦ୍ର ପରିଦର୍ଶନ କରିବା ସହ ଶ୍ରୀ ନାଏକ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ଇଡିତାଲ୍ ଚିତ୍ରକଳା ତାଲିମ କେନ୍ଦ୍ର ପରିଦର୍ଶନ କରି ସେଠାରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ଗୁଣୁପୁରଠାରେ ନିର୍ମାଣାଧୀନ ଉପଖଣ୍ଡ ଚିକିତ୍ସାଳୟର ମଧ୍ୟ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି।

Nayagarh

## ଜନଶୁଣାଣି ଶିବିର

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଭି.ବି.-ଜି.ରାମ.ଜି. ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଅଞ୍ଚଳରେ ୨୦ଟି ପଞ୍ଚାୟତରେ ମୋଟ୍ ୧୪ ହଜାର ୪୭୦ ଜଣ ହିତାଧିକାରୀଙ୍କର ଜବ୍‌କାର୍ଡ କାର୍ଯ୍ୟକାରୀ ହେଉଛି। ଚଳିତ ବର୍ଷ ୨ ଲକ୍ଷ ୭୧ ହଜାର ୫୦୦ କାର୍ଯ୍ୟ ପାଇଁ ସମଦିବସ ସୃଷ୍ଟି କରାଯାଇଥିଲା। ସେଥିମଧ୍ୟରୁ ୨ ଲକ୍ଷ ୯୭ ହଜାର ୬୧ କାର୍ଯ୍ୟ ପାଇଁ ଲକ୍ଷ୍ୟ ହାସଲ କରାଯାଇଥିଲା। ଯୋଜନାରେ ମୋଟ୍ ୬ କୋଟି ୯୧ ଲକ୍ଷ ୩୫ ହଜାର ଟଙ୍କାର କାର୍ଯ୍ୟ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

Ganjam

## ତାଲୁକ ଆଇନସେବା

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ବ୍ରହ୍ମପୁର ସମେତ ସମସ୍ତ ତାଲୁକ ଆଇନସେବା କମିଟି ସ୍ତରରେ ଆସନ୍ତା ମାସ ୯ ତାରିଖରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ଦାଖଲ ହୋଇଥିବା ମାମଲାଗୁଡ଼ିକୁ ପରସ୍ପର ସମ୍ମତି ଭିତ୍ତିରେ ସମାଧାନ କରାଯିବ। ବିଦ୍ୟୁତ ବିଲ୍, ବ୍ୟାଙ୍କ ଋଣ ଆଦାୟ, ମୋଟର ଦୁର୍ଘଟଣା, ଚେକ୍ ବାଉନ୍ସ, ବୈବାହିକ ବିବାଦ, ରାଜସ୍ୱ ମାମଲା ଇତ୍ୟାଦିକୁ ଶୀଘ୍ର ଓ ନିଶୁଳ୍କ ଭାବେ ବିଚାର କରାଯିବ।

Nayagarh

## ଆଇନ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ରାଧାକାନ୍ତ ବାଳିକା ସରକାରୀ ଉଚ୍ଚବିଦ୍ୟାଳୟଠାରେ ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ଗାଁ ଥାନା ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂହ ଯୋଗଦେଇ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ । ଦୈନନ୍ଦୀନ ଜୀବନରେ ଆଇନର ପ୍ରୟୋଗ ଓ ପୁଲିସର ଭୂମିକା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା ।

Nabarangpur

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶିଶୁ ପାଇଁ ଦିନଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହ କିମ୍ବା ଶିଶୁ ଶ୍ରମ ଘଟଣା ଚିହ୍ନଟ ହେଲେ ମାମଲା ଦାଏର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଶିଶୁମାନଙ୍କ ପାଇଁ ତୁରନ୍ତ ସହାୟତା ଓ ପୁନର୍ବାସ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଅଧୀନରେ ୭୮୩ଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଜିଲ୍ଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଶିଶୁ ଶ୍ରମ ବିରୁଦ୍ଧରେ ୬୬ଟି ମାମଲା ଚିହ୍ନଟ କରାଯାଇ ସମସ୍ତ ଶିଶୁଙ୍କର ପୁନର୍ବାସ ବ୍ୟବସ୍ଥା କରାଯାଇଛି ।

Gajapati

## ଅଷ୍ଟମ ପୋଷଣ ପକ୍ଷ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗଦେଇ ଜନ୍ମରୁ ପ୍ରଥମ ୬ ବର୍ଷ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ପ୍ରତ୍ୟେକ ମା' ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ପୋଷଣର ବିକାଶ ପାଇଁ ସୁଷମ ଖାଦ୍ୟ, ବ୍ୟାୟାମ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବକ୍ତାମାନେ କହିଛନ୍ତି।

Gajapati

## ଆଇନ ସଚେତନତା ଶିବିର

ଗଜପତି ଜିଲ୍ଲା ଗୁମା ବ୍ଲକ ଭୁବନି ଗ୍ରାମସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ ଜଗଦୀଶ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପାଠର ମହତ୍ତ୍ୱ ବୁଝାଇ ସ୍କୁଲକୁ ଆଣିବା ପାଇଁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ।

DHNKL/Deogarh

## ସିଏମ୍ ଟ୍ରଫି

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ଚାଲିଥିବା ସି.ଏମ୍.ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତାରେ ଫୁଟବଲ୍, ଖୋ ଖୋ, ଭଲିବଲ ଓ କବାଡ଼ି ଉଭୟ ବାଳକ ଏବଂ ବାଳିକା ବର୍ଗରେ ଅନୁଷ୍ଠିତ ହେଉଛି। ଆଜି ଜୟ ମା' ଦୁର୍ଗା କ୍ଲବ ଓ ରାଧାକୃଷ୍ଣ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' ରହିଥିଲା। ରେଙ୍ଗାଳବେଡ଼ା ଏଫ୍‌ସି ଓ ବାପୁଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ବାଳିକା ବିଭାଗ ମ୍ୟାଚ୍ ମଧ୍ୟ ଡ୍ର' ରହିଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ କୌଣସି ଗୋଲ୍ ଦେଇନପାରିବାରୁ ମ୍ୟାଚ୍ ଡ୍ର' ରହିଥିଲା।

ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ସି.ଏମ୍. ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଜିଲ୍ଲାର ବିଭିନ୍ନ ସ୍କୁଲର ୬୨ଟି ଦଳ କବାଡ଼ି, ଭଲିବଲ, ଖୋ ଖୋ ଏବଂ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

Nayagarh

## ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ ଷ୍ଟାଡିୟମ୍‌ଠାରେ ଆଜି ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଅନ୍ତଃ ଜିଲ୍ଲା ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ବିଭାଗ

ଓ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି।

Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ହିଟ୍‌ୱେଭ୍ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଚେତାବନୀ ଜାରି ହୋଇଛି। ଏହି ସମୟରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ଝାରସୁଗୁଡ଼ା ଜିଲ୍ଲାରେ ଆସନ୍ତା ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ଛୁଟି ଘୋଷଣା କରାଯାଇଛି। ସେହିଭଳି ସମ୍ବଲପୁର ଜିଲ୍ଲାରେ ମଧ୍ୟ ଆସନ୍ତା ସୋମବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ରହିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।